# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୩.୦୨.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍,
୨. ଶ୍ରୀ ଦୀପକ କୁମାର ମିଶ୍ର,
୩. ଶ୍ରୀ ଅଚ୍ୟୁତାନନ୍ଦ ସ୍ୱାଇଁ,
୪. ଶ୍ରୀମତୀ ବନ୍ଦିତା ପାଲ୍

ଅଦ୍ୟ ତା ୧୩.୦୨.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର କର୍ପୋରେସନ୍ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମର ୬୭ ଜଣ କର୍ପୋରେଟର ଜନସାଧାରଣ ମାନଙ୍କ ପାଇଁ ଦିନରାତି କାର୍ଯ୍ୟ କରୁଛନ୍ତି, କିନ୍ତୁ ସେମାନଙ୍କ ମାସିକ Remuneration ପାଇଁ କୌଣସି ବ୍ୟବସ୍ଥା ନାହିଁ କେବଳ ସ୍ୱଳ୍ପ ପରିମାଣର ସିଟିଂ ଆଲାଉନ୍ସ ପାଉଛନ୍ତି । କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୨(୨) ତା ୨୮.୦୯.୨୦୨୨ ରିଖରେ କର୍ପୋରେଟର ମାନଙ୍କ Remuneration ମାସିକ ଟ ୧୦,୦୦୦/- ଧାର୍ଯ୍ୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା, ତେଣୁ ପୁନଃବାର ଏହା ଉପରେ ସହୃଦୟତା ସହ ବିଚାର କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- କୁମାରେନ୍ଦ୍ର ମହାପାତ୍ର
ସଭାପତି
ତା ୧୩.୦୨.୨୦୨୩ ରିଖ